# ଧୈର୍ଯ୍ୟ, ସହନଶୀଳତାର ଅଭ୍ୟାସ ପାଇଁ ଶିକ୍ଷାୟତନ ହିଁ ପ୍ରକୃଷ୍ଟ କ୍ଷେତ୍ର

ଢେଙ୍କାନାଳ,୧୪।୧୧(ରତନ ନାୟାର)


ଢେଙ୍କାନାଳ ରୋଟାରି କ୍ଲବ ପରିସରରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞଶିଷ ମହାପାତ୍ର ଓ ଅନ୍ୟମାନେ।

ରୋଟାରି ଡିଷ୍ଟ୍ରିକ୍ଟ-୩୨୬୨ର ଗଭର୍ଣ୍ଣର ରୋଟାରିଆନ ଯଜ୍ଞଶିଷ ମହାପାତ୍ର ଗୁରୁବାର ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ସମୀକ୍ଷା ଓ ଲୋକାର୍ପଣ କରିଥିଲେ । ଏହି ଅବସରରେ ଗଜମରାସ୍ଥିତ ରୋଟାରି ବିଦ୍ୟାମନ୍ଦିରରେ ପହଞ୍ଚି ଶିଶୁ ଦିବସ ଉତ୍ସବରେ ଯୋଗଦେଇ ସେ କହିଲେ ଯେ, ଶିଶୁମାନେ ଆଗାମୀ ଦେଶର ଭବିଷ୍ୟତ। ସେମାନଙ୍କୁ ଉତ୍ତମ ଶିକ୍ଷା, ଚରିତ୍ର ଗଠନ, ଧୈର୍ଯ୍ୟ ଓ ସହନଶୀଳତାର ଅଭ୍ୟାସ କରିବାକୁ ଶିକ୍ଷାୟତନ ହିଁ ପ୍ରକୃଷ୍ଟ କ୍ଷେତ୍ର ବୋଲି ସେ କହିଥିଲେ। ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରଫେସର ଗଙ୍ଗାଧର ମିଶ୍ର, ରୋଟାରି କମ୍ୟୁନିଟି କର୍ପସ୍‌ର ଯୁବ ସ୍ୱେଚ୍ଛାସେବୀମାନଙ୍କ ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ସାଂଗଠନିକ ଦକ୍ଷତାକୁ ପ୍ରଶଂସା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ସ୍ଥାନ, କମୁନିଙ୍ଗ୍ ଓ ଗଜମରା ସଅର ସାହିରେ ୨୦୦ରୁ ଉର୍ଦ୍ଧ୍ୱ ମଶାରୀ ବଣ୍ଟନ କରାଯାଇଥିଲା। ପରେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରି କ୍ଲବ ପରିସରରେ ଏକ ୱାଟର ପିଉରିଫାୟର ଲୋକାର୍ପିତ କରିଥିଲେ। ସହରର ସମସ୍ତ ଟ୍ରାଫିକ ପୋଷ୍ଟର କାର୍ଯ୍ୟରତ ଆରକ୍ଷୀମାନଙ୍କୁ ଆଣ୍ଟିଗ୍ଲେୟର ସନଗ୍ଲାସ୍ ବଣ୍ଟନ କରାଯାଇଥିଲା । ଟ୍ରାଫିକ୍ ଏସ୍‌ଆଇ ସମୀର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ରାଜକିଶୋର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ସଞ୍ଚାଳନ କରିଥିଲେ । ସହ ସମ୍ପାଦକ ରୋଟାରିଆନ ପ୍ରଦୋଶ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ । ରୋଟାରିଆନ ଅଭିମନ୍ୟୁ ସାହୁ, ରାଜେନ୍ଦ୍ର କୁମାର ଦାସ, ନିରଦାନନ୍ଦ ନନ୍ଦ, ବିନୋଦ ଅଗ୍ରୱାଲ, ଭବାନୀ ଶଙ୍କର ଦାସ, ସାଗରିକା ମିଶ୍ର, ଅବୋଧ ମହାପାତ୍ର, ନବୀନ ଚନ୍ଦ୍ର ନାରାୟଣ ଦାସ ଓ ଅଖିଳ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ରୋଟ୍ରାକ୍ଟର ଆରସିସି ଇନରହ୍ୱିଲ ସଦସ୍ୟମାନେ ଉପସ୍ଥିତ ଥିଲେ ।

**ରାସ୍ତା କଡ଼ରେ ଔଷଧ ପଡ଼ିବା ମାମଲା**

## ଓଏସ୍‌ଏମ୍‌ସିଏଲ୍‌କୁ ତଦନ୍ତ ପାଇଁ ଲେଖିଲା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ

ଢେଙ୍କାନାଳ,୧୪।୧୧(ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର ବିରାଡିଆଠାରେ ବୁଧବାର ରାସ୍ତା କଡ଼ରେ ଏବଂ ଏକ ପୋଲ ତଳେ ଶତାଧିକ ଔଷଧ ପ୍ୟାକେଟ୍ ଓ ସିରପ୍ ପଡ଼ିଥିବା ଦେଖାଯାଇଥିଲା। ଏଗୁଡ଼ିକ ନିରାମୟ ଯୋଜନାରେ ସରକାରୀ ଚିକିତ୍ସାଳୟ ଗୁଡ଼ିକୁ ଯୋଗାଣ କରାଯାଇଥାଏ । ଘଟଣା ଜାଣିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି ଯେ, ଏହି କମ୍ପାନୀର ଔଷଧ ଆମ ଜିଲ୍ଲାକୁ ଯୋଗାଣ ହୋଇନାହିଁ । ଘଟଣାର ତଦନ୍ତ କରିବା ପାଇଁ ଆମେ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍‌ଏମ୍‌ସିଏଲ)କୁ ପତ୍ର ମାଧ୍ୟମରେ ଜଣାଇଛୁ । ସେମାନେ ଆସି ତଦନ୍ତ କରିବା ପରେ ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ। ଔଷଧ ପ୍ୟାକେଟ୍‌ଗୁଡ଼ିକରେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ ଜରିଆରେ ବିନା ମୂଲ୍ୟରେ ଔଷଧ ବିତରଣ କାର୍ଯ୍ୟକ୍ରମ ନିରାମୟ ଲେଖାଥିବା ଦେଖାଯାଇଥିଲା ।

# ପ୍ରଥମ ସିଏନ୍‌ଜି ମୋଟର ସାଇକେଲ ଫ୍ରିଡମ-୧୨୫ର ବଜାର ପ୍ରବେଶ


ଅନୁଗୋଳ ଯମୁନା ବଜାଜ ଶୋ'ରୁମ ଠାରେ ଫ୍ରିଡମ-୧୨୫ର ବଜାର ପ୍ରବେଶ କରାଯାଉଛି।

ଅନୁଗୋଳ,୧୪।୧୧ (ଜ୍ୟୋତିରଞ୍ଜନ ସାହୁ)

ବଜାଜ ଅଟୋ ପକ୍ଷରୁ ପ୍ରଥମ ସିଏନଜିଚାଳିତ ମୋଟରସାଇକେଲ ଫ୍ରିଡମ-୧୨୫ର ଅନୁଗୋଳ ଯମୁନା ବଜାଜ ଶୋ'ରୁମ ଠାରେ ବଜାର ପ୍ରବେଶ ହୋଇଛି। ଭାରତ ପେଟ୍ରୋଲିୟମ ମ୍ୟାନେଜର ବିବେକ କାୟାଣ୍ଡେ, ଯମୁନା ବଜାଜ ଶୋ'ରୁମ ମାଲିକ ଗିରିଜା ଶଙ୍କର ଅଗ୍ରୱାଲ ଓ ବିଜୟଲାଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଏହି ବଜାର ପ୍ରବେଶ କରାଯାଇଥିଲା। ଏହି ଗାଡ଼ି ଗ୍ୟାସ ଓ ପେଟ୍ରୋଲ ଉଭୟ ଇନ୍ଧନରେ ମଧ୍ୟ ଚାଲିପାରିବ। ଏଥିପାଇଁ ୨କେଜି ଗ୍ୟାସ ଟାଙ୍କି ସହ ୨ଲିଟର ପେଟ୍ରୋଲ ଟାଙ୍କି ରହିଛି। ୧କେଜି ଗ୍ୟାସରେ ୧୦୦ କିଲୋମିଟରରୁ ଅଧିକ ଯାଇପାରିବ। ଉଭୟ ଗ୍ୟାସ ଓ ପେଟ୍ରୋଲରେ ମୋଟ ୩୩୦ କିଲୋମିଟର ଦୂରତା ଅତିକ୍ରମର କ୍ଷମତା ଏହି ମୋଟରସାଇକେଲର ରହିଛି। ଅନ୍ୟାନ୍ୟ ସୁବିଧା ମଧ୍ୟରେ ଏଲଇଡି ଲାଇଟ, ଡିଜିଟାଲ ମିଟର, ବ୍ଲୁଟୁଥ କନେକ୍ସନ ଗାଡ଼ିରେ ରହିଛି। ବଜାରକୁ ୩ପ୍ରକାର ଗାଡି ପ୍ରବେଶ କରିବା ସହ ୫ଟି ରଙ୍ଗର ଗାଡି ଉପଲବ୍ଧ ଅଛି। ସାଧାରଣ ମୋଟରସାଇକେଲ ଠାରୁ ପ୍ରାୟତଃ ୫୦ ପ୍ରତିଶତ ପ୍ରଦୂଷଣ କମ୍ ରହିବ । ଅନୁଗୋଳ ଆଖପାଖ ଅଞ୍ଚଳରେ ୧୦ରୁ ଅଧିକ ତେଲ ଟାଙ୍କିରେ ଗ୍ୟାସ ଷ୍ଟେଶନ ରହିଥିବା ବେଳେ ଆଗକୁ ଆହୁରି ୫ଟି ଗ୍ୟାସ ଷ୍ଟେଶନରେ କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ଭାରତ ପେଟ୍ରୋଲିୟମରୁ ଆସିଥିବା ମ୍ୟାନେଜର ସୂଚନା ଦେଇଛନ୍ତି।

# ଡେରଙ୍ଗ ପ୍ରଧାନ ସାହିରେ କାର୍ତ୍ତିକେଶ୍ୱର ପୂଜା

ଡେରଙ୍ଗ/ପବିତ୍ରନଗର, ୧୪।୧୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଡେରଙ୍ଗ ପ୍ରଧାନ ସାହିରେ ଅକ୍ଷୟ ନାଏକଙ୍କ ତତ୍ତ୍ୱାବଧାନରେ କାର୍ତ୍ତିକେଶ୍ୱରଙ୍କ ପୂଜା ଧୁମଧାମରେ ପାଳିତ ହେଉଛି। ସାହିର ସମସ୍ତ ମହିଳା ଓ ପୁରୁଷ ଏହି ପୂଜାରେ ସହଯୋଗ କରୁଛନ୍ତି। ମହା ଆଡ଼ମ୍ବର ସହିତ ପୂଜା ପାଳନ କରାଯାଉଥିବା ସାହି ସମାଜର ସଭପତି ବିନୋଦ ନାଏକ ଓ ସମ୍ପାଦକ କରୁଣାକର ନାଏକ କହିଛନ୍ତି। ପ୍ରତିବର୍ଷ ଏହି ପୂଜା ପାଳନ କରାଯାଉଥିବାରୁ ଆସନ୍ତା ଦିନରେ ଏହାକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ଆୟୋଜକ ଅକ୍ଷୟ ନାଏକ ପ୍ରକାଶ କରିଛନ୍ତି।





ଢେଙ୍କାନାଳ ସହର କୁଞ୍ଜକାନ୍ତ ପୋଖରୀଠାରେ କାର୍ତ୍ତିକ ମାସର ମହାପଞ୍ଚୁକ ଅବସରରେ ପୂଜା ଉତ୍ସବ।

# ଅନନ୍ତ ଡିଏଭିରେ ଶିଶୁ ଦିବସ ପାଳିତ

ତାଳଚେର,୧୪।୧୧ (ମନୋଜ ନନ୍ଦ)

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ଏ.ଏଫ.ଏମ. ପ୍ରଦୀପ କୁମାର ସାହୁ, ଏସ.ଓ. (ସିଭିଲ) ରିତୁରାଜ ଶର୍ମା, ଅନନ୍ୟା ମହିଳା ମଣ୍ଡଳ ସଭାନେତ୍ରୀ ସୁସ୍ମିତା ଧଳ, କଲିୟାରୀ ମ୍ୟାନେଜର ଭେଙ୍କଟେଶ, ଅନନ୍ୟା ମହିଳା ମଣ୍ଡଳ ସଦସ୍ୟା ମାଲା ଭେଙ୍କଟେଶ, ପିଙ୍କି ବାରିକ, ପ୍ରିୟମ୍ବଦା ବାରିକ, ଆଶ୍ରୀ ଝରଣା ଏବଂ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତୃମଣ୍ଡଳୀ ଯୋଗଦେଇଥିଲେ। ଅଧ୍ୟକ୍ଷା ଜ୍ୟୋତି ମିଶ୍ର ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୀବନର ଯଶସ୍ୱୀ ଦିଗ ଉପରେ ଆଲୋକପାତ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ ସାଂସ୍କୃତିକ ପ୍ରତିଯୋଗିତାରେ ମଧୁସୂଦନ ହାଉସ ଦଳଗତ ଚାମ୍ପିୟନ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ଏବଂ ଶିକ୍ଷକ କରୁଣାକର ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।



# ନୂଆଗାଁରେ କାର୍ତ୍ତିକେଶ୍ୱର ପୂଜା

ଢେଙ୍କାନାଳ,୧୪।୧୧(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ନୂଆଗାଁରେ ଗ୍ରାମବାସୀମାନେ ଆଜିକୁ ୫୬ବର୍ଷ ଧରି କାର୍ତ୍ତିକ ବ୍ରତ ଓ ପଞ୍ଚୁକ ବ୍ରତ ପାଳନ କରୁଛନ୍ତି। ଏହି ଉପଲକ୍ଷେ ଚଳିତବର୍ଷ ମଧ୍ୟ ୮ଟି ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହେଉଛି। ବ୍ରାହ୍ମଣୀ ନଦୀରୁ କଳସରେ ପାଣି ଆଣି ପୂଜା ମଣ୍ଡପରେ ପହଁଚି ଠାକୁରଙ୍କର ପୂଜା ଅନୁଷ୍ଠିତ ହୋଇଛି । ସଭାପତି ଭାବେ ବ୍ରହ୍ମମନ ସ୍ୱାଇଁ, ସମ୍ପାଦକ ସାରସ ନାୟକ, ବିଜ୍ଞାନ ବରାଳ, ଅଜୟ ଦାସ, ବିନୋଦ ବରାଳ, ଘନଶ୍ୟାମ ଭୂୟାଁ, ସର୍ବେଶ୍ୱର ବରାଳ, ଆର୍ତ୍ତବନ୍ଧୁ ମଲ୍ଲିକ, ସନ୍ତୋଷ କୁମାର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ଉତ୍ସବ ହେଉଛି । ଗ୍ରାମରେ ସଂକୀର୍ତ୍ତନ ମଧ୍ୟ ଅନୁଷ୍ଠିତ ହେଉଛି । ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ।



# ଓପି ଜିନ୍ଦଲ ସ୍କୁଲରେ ଶିଶୁଦିବସ ପାଳିତ




ଅନୁଗୋଳ,୧୪।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ଓ.ପି. ଜିନ୍ଦଲ ସ୍କୁଲରେ ଶିଶୁ ଦିବସ ଆନନ୍ଦ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅଶିନୀ କୁମାର ସାହୁ, ଉପାଧ୍ୟକ୍ଷ ଡ. ଅରୁଣ କୁମାର ସାହୁ ଚାଚା ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଦୂରଦ୍ରଷ୍ଟା ପଣ୍ଡିତ ନେହେରୁଙ୍କ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମନୋରଞ୍ଜନ ନିମନ୍ତେ ନୃତ୍ୟନାଟିକା ପରିବେଷଣ କରାଯାଇଥିଲା। ଏକ ବିଶେଷ କାର୍ଯ୍ୟକ୍ରମ ସ୍ୱରୂପ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌତୁକ ବେଶ ପ୍ରତିଯୋଗିତା କରାଯାଇ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିଶୁଦିବସର ମହତ୍ତ୍ୱ ସମ୍ପର୍କରେ ଶିକ୍ଷୟିତ୍ରୀ ସୋମା ସରକାର ଉଦ୍‌ବୋଧନ ଦେଇଥିବା ବେଳେ ଶିକ୍ଷକ ଡ. ଇମ୍ରାନ ପରଭେଜ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସିନର୍ଜି କଲେଜରେ ଜାତୀୟ ଶିକ୍ଷା ଦିବସ

ଢେଙ୍କାନାଳ,୧୪।୧୧(ରତନ ନାୟାର)



ସିନର୍ଜୀ କଲେଜରେ ଜାତୀୟ ଶିକ୍ଷା ଦିବସ।

ସିନର୍ଜିବୈଷୟିକ ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ଦିବସ ଗତ ୧୧ ତାରିଖରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. ତୁଷାରକାନ୍ତ ପାଣି ଯୋଗଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶିକା ଡ. ଇତିଶ୍ରୀ ମହାନ୍ତି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ଛାତ୍ର ଜୀବନରେ ମାନସିକ ଚାପ ଏବଂ ଏଥିରୁ କିପରି ମୁକ୍ତି ମିଳିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଶୃଙ୍ଖଳିତ ଜୀବନଚର୍ଯ୍ୟା ଏବଂ ନୈତିକ ଶିକ୍ଷା ପ୍ରତି ଯୁବ ସମାଜ ଆଗ୍ରହ ରଖିବା ଉଚିତ ବୋଲି କହିଥିଲେ। ପ୍ରଫେସର ଜୟଶ୍ରୀ ସିଂହ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ରୌପ୍ୟଜୟନ୍ତୀ ସମାରୋହ ଆବାହିକା ପ୍ରଫେସର କଳ୍ପନା ସାହୁ କରିଥିବା କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରେୟା ନାୟକ ଓ ତ୍ରିଷ୍ଟା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ରଙ୍ଗିନ ଆଲୋକମାଳାରେ ଝଳସୁଛି ତୁରଙ୍ଗ





ବଅଁରପାଳ,୧୪।୧୧(ସୁବାସ ସାହୁ)

ଅନୁଗୋଳ ସହର ଉପକଣ୍ଠ ତୁରଙ୍ଗ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଧୁମଧାମରେ ପାଳିତ ହେଉଥିବାବେଳେ ଗାଁ ସାରା ରଙ୍ଗିନ ଆଲୋକମାଳାରେ ଝଳସିଉଠୁଛି। ମଙ୍ଗଳବାର ପୂର୍ବାହ୍ନରୁ ପୂଜା ମଣ୍ଡପଗୁଡ଼ିକରେ ନୀତିକାନ୍ତି ଅନୁଯାୟୀ କଳସ ସ୍ଥାପନା ଓ ପୂଜା ଆରମ୍ଭ ହୋଇଛି। ଗ୍ରାମର ବିଭିନ୍ନ ସାହିରେ ୧୬ଟି ମଣ୍ଡପରେ ପ୍ରଭୁ କାର୍ତ୍ତିକେଶ୍ୱର ବିରାଜମାନ କରିଛନ୍ତି। ପୂଜା କମିଟିଗୁଡ଼ିକ ତରଫରୁ ପ୍ରତିଦ୍ୱନ୍ଦ୍ୱିତା ପୂର୍ବକ ମେଢ଼ ସାଜସଜ୍ଜା, ରଙ୍ଗିନ ଆଲୋକମାଳା ଓ ସୁଉଚ୍ଚ ତୋରଣମାନ ନିର୍ମାଣ କରାଯାଇଛି। ସମସ୍ତ ପୂଜା ମଣ୍ଡପ ନିକଟରେ ତୁଳସୀ ଚଉରା ରଖି ପଞ୍ଚୁକ ବ୍ରତଧାରୀମାନେ ପୂଜା କରୁଛନ୍ତି। ବିଗତ ବର୍ଷଭଳି ଜାତୀୟ ରାଜପଥ ପାର୍ଶ୍ୱରେ ମା' ହିଙ୍ଗୁଳା ପୂଜା କମିଟି ପକ୍ଷରୁ ପୋଖରୀ ଭିତରେ କାର୍ତ୍ତିକେଶ୍ୱର

**ଧୁମଧାମରେ ୧୬ ମଣ୍ଡପରେ ଚାଲିଛି କାର୍ତ୍ତିକେଶ୍ୱର ପୂଜା**

ମେଢ଼ ଶୋଭା ପାଉଛନ୍ତି। ଚଳିତବର୍ଷ ଦେହୁରୀ ସାହି ସଂଗ୍ରାମ କ୍ଲବ କାର୍ତ୍ତିକେଶ୍ୱର ପୂଜା କମିଟି ମଣ୍ଡପରେ ଓଡ଼ିଆ ଚଳଣି ପର୍ବପର୍ବାଣି ଉପରେ ଆଧାରିତ କଥାବସ୍ତୁ ମଧ୍ୟରେ କାର୍ତ୍ତିକେଶ୍ୱରଙ୍କ ବିରାଜମାନ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିପରି ଗ୍ରାମର ପୁରାତନ କାର୍ତ୍ତିକେଶ୍ୱର ପୂଜା କମିଟି ରାଜଧାନୀ କ୍ଲବ ପକ୍ଷରୁ ପୂଜା ମଣ୍ଡପରେ କାଚ ମହଲ ମଧ୍ୟରେ କାର୍ତ୍ତିକେଶ୍ୱରଙ୍କ ବିରାଜମାନ ଦର୍ଶକଙ୍କ ମନମୁଗ୍ଧ କରୁଛି। ନୀଳଚକ୍ର କ୍ଲବ ପକ୍ଷରୁ ମା'ସମଲେଇ ଓ ପଶ୍ଚିମ ଓଡିଶାର କୌଳିକ ବୃତ୍ତି ଉପରେ ଆଧାରିତ କଥାବସ୍ତୁ ମଧ୍ୟ ବେଶ୍ ମନଲୋଭା ହୋଇଛି। ପଦ୍ମନଗର ସାହି ଝକାସ କ୍ଲବ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ସାଜସଜ୍ଜା ହୋଇଥିବାବେଳେ ମା' ହିଙ୍ଗୁଳା ପୂଜା କମିଟି ପକ୍ଷରୁ ପିପିଲି ଚାନ୍ଦୁଆ ନିର୍ମିତ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ସେହିଭଳି ମାହେଶ୍ୱରୀ ୟୁଥ୍ କ୍ଲବ, ଓଭରଟେକ୍ କ୍ଲବ, ଜଗନ୍ନାଥ ପୂଜାକମିଟି, ତ୍ରିଦେବ କ୍ଲବର ସାଜସଜ୍ଜା ଦର୍ଶକଙ୍କ ମନ ଜିଣିପାରୁଛି। ୧୭ତାରିଖରେ ଭସାଣି ଅନୁଷ୍ଠିତ ହେବ ବୋଲି କେନ୍ଦ୍ରୀୟ ପୂଜା କମିଟି ସଭାପତି ଆଇନଜୀବୀ ଜଟିଆ ସାହୁ ସୂଚନା ଦେଇଛନ୍ତି। ୯ଟି ପୂଜା ମଣ୍ଡପର ମେଢ଼ ମେଳଣ ଶୋଭାଯାତ୍ରାରେ ସାମିଲ ହେବାକୁ ସହମତି ପ୍ରଦାନ କରିଛନ୍ତି। ତୁରଙ୍ଗ ହାଇସ୍କୁଲ ପଡିଆଠାରେ ଦିନ ୧୧ ଘଟିକା ସୁଦ୍ଧା ସମ୍ମିଳିତ ହୋଇ କ୍ରମାନ୍ୱୟରେ ବାଜାବାଣ ସହିତ ତୁରଙ୍ଗ ପ୍ରାଥମିକ ସ୍କୁଲ ପଡିଆଠାରେ ପହଞ୍ଚି ଜଳାଶୟକୁ ଯିବେ। ଏନେଇ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ସ୍ମେଲଟର ପ୍ଲାଣ୍ଟ ପରିସରରେ ଅଗ୍ନିକାଣ୍ଡ

ବଅଁରପାଳ,୧୪।୧୧ (ସୁବାସ ସାହୁ)

ଅନୁଗୋଳ ଜିଲ୍ଲା ନାଲ୍‌କୋ କାରଖାନାର ସ୍ମେଲ୍ଟର୍ ପ୍ଲାଣ୍ଟ କାର୍ବନ ଏରିଆରେ ଗୁରୁବାର ରାତି ୮ଟା ୩୦ରେ ଅଗ୍ନିକାଣ୍ଡ ଘଟିଛି। ଗ୍ରୀନ୍ ଆନୋଡ ପ୍ଲାଣ୍ଟ (ଜିଏପି)ରେ ବ୍ୟବହୃତ ହେଉଥିବା ଆନୋଡ ଏଠାରେ ପ୍ରସ୍ତୁତ ହେଉଥିବାବେଳେ ଉକ୍ତ ସ୍ଥାନରେ ଦହନଶୀଳ ପିଚ୍, କୋକ୍, ତେଲ ଆଦି



ମହଜୁଦ ରହିଥିଲା। ତେଣୁ ହଠାତ୍ ଅଗ୍ନିକାଣ୍ଡ ସହ ନିଆଁ ଅନ୍ୟତ୍ର ବ୍ୟାପି ଯାଇଥିଲା। ଘଟଣାସ୍ଥଳରେ କାର୍ଯ୍ୟରତ କର୍ମଚାରୀମାନେ ବାହାରକୁ ଆସି ବିଭାଗୀୟ ଅଧିକାରୀ ଓ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଖବରପାଇ ସ୍ମେଲଟର ପ୍ଲାଣ୍ଟ, ସିପିପି ଦମକଳ ବିଭାଗର ମୋଟ ୫ଟି ଗାଡ଼ି ସହ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କ୍ଷୟକ୍ଷତି ସମ୍ପର୍କରେ ନାଲ୍‌କୋ ତରଫରୁ କିଛି ସୂଚନା ମିଳିପାରିନାହିଁ।

# ଆଧୁନିକ ଭାରତ ବର୍ଷର ନିର୍ମାତା ଥିଲେ ନେହେରୁ

ଢେଙ୍କାନାଳ,୧୪।୧୧(ରତନ ନାୟାର)


ଉଫୁନା ପକ୍ଷରୁ ନେହେରୁଙ୍କ ଜନ୍ମ ଦିବସ ପାଳିତ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜନ୍ମ ଦିବସ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ନେହରୁ 'ସୋସିଆଲିଷ୍ଟ ଫୋରମ୍' ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଉଫୁନା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେହରୁ ସୋସିଆଲିଷ୍ଟ ଫୋରମ୍‌ର ରାଜ୍ୟ ଆବାହକ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ ଯେ, ଜବାହରଲାଲ୍ ନେହେରୁ ଭାରତର ଶ୍ରେଷ୍ଠ ଗଣତନ୍ତ୍ରବାଦୀ ଜନନାୟକ ଥିଲେ । ଡଃ ଜବାହରଲାଲ୍ ନେହେରୁ ଓ ଡଃ ରାମମନୋହର ଲୋହିଆଙ୍କ ମଧ୍ୟରେ ଆଦର୍ଶଗତ ମତଭେଦ ଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା । ନେହରୁଙ୍କୁ କେହି ସମାଲୋଚନା କଲେ ଗୁରୁତ୍ୱର ସହ ସେହି କଥାକୁ ଗ୍ରହଣ କରି ସେହି କାର୍ଯ୍ୟକୁ ସମାପନ କରୁଥିଲେ । ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମାଜବାଦୀ ନେତା ସରୋଜ ଶତପଥୀ କହିଲେ ଯେ, ନେହରୁ ଆଧୁନିକ ଭାରତ ବର୍ଷର ନିର୍ମାତା ଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ କହିଲେ ଯେ, ନେହେରୁ ଶିଶୁପ୍ରେମୀ ଥିଲେ ଏବଂ ତାଙ୍କୁ ଚାଚା ନେହରୁ ବୋଲି ସମସ୍ତେ ଡାକୁଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡା. ଦେବୀପ୍ରସାଦ ମିଶ୍ର ଯୋଗଦାନ କରି ନେହେରୁ ଜଣେ ଭଲ ବାରିଷ୍ଟର ଥିଲେ ଏବଂ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ପ୍ରାୟ ୧୦ବର୍ଷ କାରାଗାରରେ ରହିଥିଲେ। ସେ ଏକାଧାରରେ ଜଣେ ଦକ୍ଷ ସଂଗଠକ, ସମାଜସେବୀ, ଜନନାୟକ ଥିଲେ । ବକ୍ତାମାନେ ଜବାହର ଲାଲ୍ ନେହେରୁଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ, ଇଂ. ଯୁଧିଷ୍ଠିର ସାହୁ, ଲକ୍ଷ୍ମୀଧର ଶତପଥୀ, ତରୁଣ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋକୁଳାନନ୍ଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲାବେଳେ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

